# Akashvani, Sambalpur

## SAMBALPURI NEWS BULLETIN

### 9 May 2024- 6.47- 6.52 am.

**********************************************

ପଦ୍ମ ପୁରସ୍କାର୍-ରାଷ୍ଟ୍ରପତି     ଆର୍ଏନ୍ୟୁ /  ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ରାଷ୍ଟ୍ରପତି ଭବନ୍ ନ ପଦ୍ମ ପୁରସ୍କାର୍ ଦେବେ । ଇତାର୍ଭିତ୍ରେ ପଦ୍ମବିଭୂଷଣ୍, ପଦ୍ମଭୂଷଣ୍ ଆର୍ ପଦ୍ମଶ୍ରୀ ପୁରସ୍କାର୍ ରହିଛେ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ୍, ଶିକ୍ଷା ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଥିବା ବ୍ୟକ୍ତିବିଶେଷ୍ ମାନ୍କୁ ଇ ପୁରସ୍କାର୍ ଦିଆଯାଏସି ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାମାସେ ରାଷ୍ଟ୍ରପତି ୩ ଝନ୍କୁ ପଦ୍ମବିଭୂଷଣ, ୮ ଝନ୍କୁ ପଦ୍ମଭୂଷଣ୍ ଆର୍ ୫୫ ଝନ୍କୁ ପଦ୍ମଶ୍ରୀ ପୁରସ୍କାର୍ ଦେଇଥିଲେ ।

ପ୍ରଧାନ୍ମନ୍ତ୍ରୀଙ୍କ ଗସ୍ତ          ଆର୍ଏନ୍ୟୁ/ ସମ୍ବଲପୁର

ବିଜେପିର୍ ବରିଷ୍ଠ୍ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ । ଶ୍ରୀ ମୋଦୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିକରି ଗୁଟେ ରୋଡ୍ ସୋଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଶ୍ରୀ ମୋଦୀଙ୍କର୍ ରୋଡ୍ ସୋ ମାଷ୍ଟର୍ କ୍ୟେଟିନ୍ ଛକ୍‌ନୁ ବାଣୀବିହାର୍‌ତକ୍ କରାଯିବା । ଇଥିର୍‌ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ବ୍ୟବସ୍ଥା କରାଯାଇଛେ । ଇତାର୍‌ସହେତେ ୩ ଶହ ୫୦ ଝନ୍ ପୁଲିସ୍ ଅଧିକାରୀ ମୁତୟନ ହେବେ । ଆଏବା ଶନିବାର୍ ଦିନ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କନ୍ଧମାଲ୍, ବର୍‌ଗଡ଼୍ ଆଉ ବଲାଙ୍ଗିର୍ ନ ନିର୍ବାଚନୀ ସଭା ମାନ୍‌କେ ଯୋଗ୍ ଦେବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଇ ସବୁ ଜାଗା ମାନ୍‌କେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷ୍‌ନା କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍, କନ୍ଧମାଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଜୁ ଜନତା ଦଲର୍ ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ଗଞ୍ଜାମ୍ ଆର୍ କନ୍ଧମାଲ୍ ଜିଲ୍ଲା ଗସ୍ତ କର୍‌ବେ ।

ସେ ଗୋପାଲ୍‌ପୁର୍ ଆର୍ ଆସ୍କା ନିର୍ବାଚନ୍ ମଣ୍ଡଳୀ ଅଂଚଲ୍‌ର ନିର୍ବାଚନୀ ସଭାଥି ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ପଛେ ସେ କନ୍ଧମାଲ୍ ଜିଲ୍ଲାର୍ ଫୁଲ୍‌ବାଣୀ ନ ହେବାର୍‌କେ ଥିବାର୍ ସାଧାରଣ ସଭାଥି ଯୋଗ୍ ଦେବେ ।

ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୧୩ ତାରିଖ୍ ଦିନ ବ୍ରହ୍ମପୁର୍ ସଂସଦୀୟ କ୍ଷେତ୍ର ନ ଭୋଟ୍ ହେବା । ସେନ୍ତା ଆଏବା ୨୦ ତାରିଖ୍ ଆସ୍କା ଆର୍ କନ୍ଧମାଲ୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ ନ ଭୋଟ୍ ହେବାର୍‌କେ ଯାଉଛେ ।

କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼୍‌କରୀ-ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସଡ଼କ ଆଉ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ଼୍‌କରୀ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ସେ ଭୁବ୍‌ନେଶ୍ୱର୍ ନ ପୁହୁଁଚିଲା ଉତ୍‌ରୁ ଶ୍ରୀକ୍ଷେତ୍ର ପୁରୀ ଯାଇକରି ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବେ । ଦୁଇପହରର୍ ୩ ବଜେ କୃଷ୍ଣପ୍ରସାଦ୍ ଆଉ ୪ ବାଜିକରି ୧୫ ମିନିଟ୍‌ଥି ପିପିଲି ନ ହେବାର୍‌କେ ଥିବାର ଜନସଭାକେ ସମ୍ବୋଧିତ୍ କର୍‌ବାର୍ ସହେତେ ଦଳୀୟ ପ୍ରାର୍ଥୀମାନ୍‌କର୍ ଲାଗି ସେ ନିର୍ବାଚନ୍ ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆଇଏଫ୍‌ଏସ୍ ପରୀକ୍ଷାଫଳ ଆର୍‌ଏନ୍‌ୟୁ / ସମ୍ବଲପୁର

ସଂଘ ଲୋକସେବା ଆୟୋଗ- ୟୁପିଏସ୍‌ସି ତର୍‌ଫୁ ଭାରତୀୟ ବନସେବା-ଆଇଏଫ୍‌ଏସ୍ ର ପରୀକ୍ଷାଫଲ୍ ବାହାରିଛେ । ଇ ପରୀକ୍ଷାଥି ଶହେ ୪୭ ଝନ୍ ପାସ୍ କରିଛନ୍ । ସେମାନ୍‌କୁ ନିଯୁକ୍ତି ଦେବାର୍ ଲାଗି ଆୟୋଗଙ୍କର୍ ତର୍‌ଫୁ ସୁପାରିଶ୍ କରାଯାଇଛେ ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ କମିଟି ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଲାଗି ରାଜ୍ୟ ସର୍‌କାର୍ ଗଠନ୍ କରିଥିବା କମିଟିର୍ ୨ ନମ୍ବର୍ ବୈଠକ୍ ଆଏଜ୍ ବସ୍‌ବା । ହାଇକୋର୍ଟଙ୍କର୍ ନିର୍ଦ୍ଦେଶ୍ ଉତ୍‌ରୁ ଶ୍ରୀମନ୍ଦିର୍ ରତ୍ନ ଭଣ୍ଡାର୍ ନ ଥିବା ରତ୍ନ ଅଲଙ୍କାର୍ ଆଉ ଅଲ୍‌ଗା ଜିନିଷ୍ ମାନ୍‌କର୍ ଗନ୍‌ତି ଲାଗି କମିଟିର୍ ପହେଲା ବୈଠକ୍ ଗଲା ମାର୍ଚ୍ଚ ୯ ତାରିଖ୍‌ଥି ବସିଥିଲା । ଇ ବୈଠକ୍‌ଥି ହେଇଥିବା ନିଷ୍ପତି ମାନ୍‌କର୍ ଉପ୍‌ରେ ଆଏଜ୍ ହେବାର୍‌କେ ଥିବା ବୈଠକ୍‌ଥି ବିସ୍ତୃତ୍ ଭାବେ ତର୍ଜମା କରାଯିବା ।

ରେଲ୍ ମହାପ୍ରବନ୍ଧକ-ପରିଦର୍ଶନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲ୍‌ପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର୍ ବେହେରା ଗଲାକାଏଲ୍ ଖୋର୍ଦ୍ଧାରୋଡ୍ ବଲାଙ୍ଗିର୍ ରେଲ୍‌ପ୍ରକଳ୍ପର୍ ବୌଦ୍ଧ- ଚମ୍ପାପୁର୍ ରେଲ୍‌ଷ୍ଟେସନ୍‌ର ନିରୀକ୍ଷଣ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ବେହେରା ନିର୍ମାଣ୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିକରି ପ୍ରକଳ୍ପର୍ କାମ୍ ଠିକ୍ ସମିଆଥି ସାର୍‌ବାର୍‌କେ ଆଉ ପ୍ରସ୍ତାବିତ୍ ଷ୍ଟେସନ୍ ମାନ୍‌କେ ଯାତ୍ରୀ ସୁବିଧା ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ରେଲ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ପ୍ରକଳ୍ପ ଅଧୀନ୍‌ଥି ରେଲ୍‌ଲାଇନ୍‌ର ୩ ଶହ ୧ କିଲୋମିଟର୍ ଭିତ୍‌ରୁ ଶହେ ୫୨ ଦଶ୍‌ମିକ୍ ୮ /୦/୫ କିଲୋମିଟର୍ କାମ୍ ହେଇସାରିଛେ । ଖୋର୍ଦ୍ଧାରୋଡ୍‌ନୁ ଦଶ୍‌ପଲ୍ଲାତକ୍ ଶହେ ୫ ଦଶ୍‌ମିକ୍ ୮ କିଲୋମିଟର୍ ଆଉ ବଲାଙ୍ଗିର୍‌ନୁ ସୋନ୍‌ପୁର୍‌ତକ୍ ୪୭ କିଲୋମିଟର୍ କାର୍ଯ୍ୟକ୍ଷମ୍ ହେଇଛେ ।

ଏସ୍.ୟୁ.-ଆଇ ଆଇଟି ମାଡ୍ରାସ୍- ଏମ୍‌ଓୟୁ

ଆର୍‌ଏନ୍‌ୟୁ / ସମ୍ବଲପୁର

ଆଇଆଇଟି ମାଡ୍ରାସ୍  ଆର୍ ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟ ଭିତ୍ରେ ଭିନ୍ ଭିନ୍ କ୍ଷେତ୍ରଥି ଗବେଷଣାଥି ନିଜର୍ ନିଜର୍ ଭିତ୍ରେ ସହଯୋଗ୍ କର୍ବାର୍ ଲାଗି ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଆଇଆଇଟି ମାଡ୍ରାସ୍ର ନିର୍ଦ୍ଦେଶକ୍ ଭି. କାମାକୋଟି, ଏକାଡେମିକ୍ ପାଠ୍ୟକ୍ରମ୍ର ଡିନ୍ ପ୍ରତାପ୍ ହରିଦୋଷ ଆର୍ ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟର୍ ରେଜିଷ୍ଟ୍ରାର୍ ନୃପରାଜ୍ ସାହୁ, ବିଶ୍ୱବିଦ୍ୟାଳୟର୍ ସୂଚନା ପ୍ରଯୁକ୍ତି ବିଦ୍ୟା- ସୁଇଟ୍ର ନିର୍ଦ୍ଦେଶକ ବସନ୍ତ କୁମାର୍ ମହାନ୍ତି ଇ ବୁଝାମଣାପତ୍ରଥି ସ୍ୱାକ୍ଷର୍ କରିଛନ୍ ।

ଆଇଆଇଟି ଭୁବ୍ନେଶ୍ୱର୍-ଡିଆର୍ଡିଓ ବୈଠକ୍

ଆର୍ଏନ୍ୟୁ /  ସମ୍ବଲପୁର

ଆଇଆଇଟି ଭୁବ୍ନେଶ୍ୱର୍ ଆର୍ ପ୍ରତିରକ୍ଷା ଅନୁସନ୍ଧାନ୍ ଆଉ ବିକାଶ୍ ସଂଗଠନ୍ ଭିତ୍ରେ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଇଥି ସେଂଟର୍ ଅଫ୍ ଏକ୍ସିଲେନ୍ସି ପ୍ରତିଷ୍ଠାର୍ ସମ୍ଭାବନା ବାବ୍ଦେ ଅନୁଶୀଳନ୍ କରାଯିବାର୍ ସହେତେ ପ୍ରତିରକ୍ଷା କ୍ଷେତ୍ର ନ ଗବେଷଣା ଆଉ ବୈଷୟିକ ଶିକ୍ଷାନୁଷ୍ଠାନ୍ ସଙ୍ଗେ ସହବନ୍ଧନ୍ ଉପ୍ରେ ଜୋର୍ ଦିଆଯାଇଥିଲା । ବୈଠକ୍ଥି

ଡିଆର୍‌ଡିଓରେ ଇସିଏସ୍ କ୍ଲଷ୍ଟର୍‌ନୁ ୯ ଟା ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ହସ୍ତାନ୍ତର୍ କରାଯାଇଥିଲା । ଆଗ୍‌କେ ୧୮ କୋଟି ଟଙ୍କାର୍ ୭ ଟା ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟା ଚାଲୁ ରହିଥିବାର୍ ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ସାଧାରଣ/ଖର୍ଚ୍ଚ ପର୍ଯ୍ୟବେକ୍ଷକ- ସୁବର୍ଣ୍ଣପୁର

ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବା ୨୦ ତାରିଖ୍ ରାଜ୍ୟର୍ ୨ ନମ୍ବର୍ ଖେପର୍ ମତଦାନ୍ ହେବା । ନିର୍ବାଚନ୍‌କେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଆର୍ ଶାନ୍ତିଶୃଙ୍ଖଲାର୍ ସହେତେ ପରିଚାଲନା କର୍‌ବାର୍ ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲା ସଂସଦୀୟ କ୍ଷେତ୍ର ଲାଗି ରାଜନ୍ ବିଶାଲ୍ ସାଧାରଣ୍ ପର୍ଯ୍ୟବେକ୍ଷକ୍ ଆଉ ପ୍ରମୋଦ୍ ପି.ଶାହକର୍ ଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ଭାବେ ନିଯୁକ୍ତି ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୨ ନୁ ୩ ଦିନ୍‌ତକ୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ବୌଦ୍ଧ ସହେତେ ରାଜ୍ୟର୍ ସମୁଦ୍ରକୂଲିଆ ଜିଲ୍ଲାମାନ୍‌କେ ବିଜ୍‌ଲି ମାରିକରି ବର୍ଷା ହେବା ବଲି  ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ବଲାଙ୍ଗିର୍ ନ ୪୦ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ବାକି ଇଲାକା ନ ତାପମାତ୍ରା ୩୯ ଡିଗ୍ରୀ ନୁ କମ୍ ଥିଲା ।